# ମାଟି ଓ ମୌସୁମୀର ମିଳନପର୍ବ ରଜ





ଲଳିତ ମୋହନ ମିଶ୍ର

ଗ୍ରୀଷ୍ମ ଓ ବର୍ଷାର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୈସୁମୀ ର ମିଳନ ର ପର୍ବ । ସାରା ବିଶ୍ୱରେ ପ୍ରକୃତି କୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏ ତ ଆଉ କୋଉଠି ନ ଥିବ । ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ । ରଜ ପର୍ବ ହେଉଛି ଏକ କୃଷି ଭିତ୍ତିକ ପର୍ବ । ଏହା ପ୍ରତ୍ୟେକ ଓଡିଆଙ୍କ ଲୋକ କଥା ଓ ସଂସ୍କୃତି ର ପରିଚୟ । ଆବାହନ କାଳରୁ ଛୁଆଁ ଅଛୁଆଁ, ସବର୍ଣ୍ଣ ଅସବର୍ଣ୍ଣ ,ଦଳିତ ବନବାସୀ ର ବନ୍ଧନକୁ ଭାଙ୍ଗି ରଜ ପର୍ବ ସବୁ ଓଡ଼ିଆଙ୍କୁ ଏକ ସୂତ୍ର ରେ ବାନ୍ଧି ଗାଁ ଗାଁ ରେ ସାମାଜିକ ଏକତାର ପରିଚୟ ଦିଏ । ନାରୀ ସମ୍ମାନ, ସଶକ୍ତିକରଣ ଓ ସ୍ୱାଧୀନତା ର ପର୍ବ ଭାବେ ଏହା ପ୍ରତ୍ୟେକ ଓଡ଼ିଆଣୀ ଙ୍କ ସବୁଠୁ ଅପେକ୍ଷିତ ପର୍ବ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ଏହି ପର୍ବ ।ଭାରତୀୟ ସଭ୍ୟତା ଓ ସଂସ୍କୃତି ସର୍ବଦା ନାରୀ ମାନଙ୍କୁ ଉଚ୍ଚା ନ ଦେଇଆସିଛି। ଭାରତୀୟ ସଂସ୍କୃତି ଓ ସଭ୍ୟତାର ଉଷାକାଳ କୁହାଯାଉଥିବା ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ବି ନାରୀ ମାନେ ସମ୍ମାନ ର ଉଚ୍ଚରେ ବସିଛନ୍ତି। ଭୀଷ୍ମ ପିତାମହ କହିଥିଲେ ଯେ ଯେଉଁ ଘରେ ମହିଳା ମାନଙ୍କର ସମ୍ମାନ,ଆଦର କରାଯାଏ ସେହି ଘରେ ଲକ୍ଷ୍ମୀ ବାସ କରନ୍ତି । କିନ୍ତୁ ଯେଉଁ ଘରେ ନାରୀ କୁ ଅସମ୍ମାନ କରାଯାଏ ସେଠି ଦେବତା ମାନେ ମଧ୍ୟ ଫେରି ଆସନ୍ତି। ସେହି ଘରେ ସର୍ବଦା ଦୁଃଖ ଓ ବିବାଦର ସ୍ଥିତି ଲାଗି ରୁହେ । ଋକ୍ ବେଦ ଅନୁଯାୟୀ :- ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତଥ୍ୟ ରମନ୍ତେ ଦେବତା ଅର୍ଥାତ୍:- ଯେଉଁଠି ନାରୀ ମାନଙ୍କୁ ପୂଜା କରାଯାଏ ସେଠି ଦେବତା ମାନେ ବିଚରଣ କରନ୍ତି। ପୁରାଣ ବର୍ଣ୍ଣିତ କଥାକୁ ଦେଖିଲେ ଜଗନ୍ନାଥଙ୍କ ପତ୍ନୀ ହେଉଛନ୍ତି ମହାଲକ୍ଷ୍ମୀ ଯିଏ କି ଅମାପ ଧନର ଅଧିକାରିଣୀ ତଥା ସମଗ୍ର ଜୀବଜଗତ ପ୍ରାଚୁର୍ଯ୍ୟର ଦେବୀ , ନାରୀ ମାନଙ୍କୁ ପୁରୁଷ ସହ ସମକକ୍ଷ କରିବାକୁ ଯାଇ ସଂହାର କର୍ତ୍ତା । ମହେଶ୍ୱର ଙ୍କ ଅର୍ଦ୍ଧ ନାରେଶ୍ୱର ରୂପ ବି ନାରୀ ଙ୍କ ପ୍ରତି ଉଚ୍ଚାସନର ଆଉ ଏକ ନିଦର୍ଶନ। ଶକ୍ତି ର ପ୍ରତୀକ ସ୍ୱରୂପ ମା ଦୁର୍ଗା, ଜ୍ଞାନ ର ଦେବୀ ଭାବେ ମା ସରସ୍ୱତୀ , ପାପନାଶିନୀ ମା କାଳୀ ଏବଂ ସର୍ବୋପରି ଭାରତୀୟ ନଦୀ ଯଥା ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା , କାବେରୀ ଭାବେ ନାମକରଣ କରିବା ସହ ନଦୀ ମାନଙ୍କୁ 'ମା' ର ଆଖ୍ୟା ମଧ୍ୟ ଦିଆଯାଇଛି। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ସ୍ନାନ କଲାବେଳେ ମଧ୍ୟ 'ଗଙ୍ଗେ ତ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ, ଧର୍ମରେ ସିନ୍ଧୁ କାବେ ଜଳେ ଅସ୍ମିନ କୁରୁ ' ଶ୍ଳୋକଟି ଗାୟନ କରାଯାଏ ।ରଜ ଓଡ଼ିଶାର ଏକ ପାରମ୍ପାରିକ ଗଣ ପର୍ବ । ରଜ ପର୍ବ ମୁଖ୍ୟତଃ ତିନିଦିନ ଧରି ପାଳନ ହେଉଥିଲେ ମଧ୍ୟ ପ୍ରାୟ ଏହାର ପ୍ରଭାବ ଚାରିଦିନ ଧରି ରହିଥାଏ । ରଜର ପୂର୍ବ ଦିନକୁ ସଜବାଜ ଓ ପ୍ରଥମ ଦିନକୁ 'ପହିଲି ରଜ' , ମଝି ଦିନକୁ ରଜ ସଂକ୍ରାନ୍ତି ଓ ଶେଷ ଦିନ କୁ ବାସିରଜ କୁହାଯାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁର ଆରମ୍ଭ ହୁଏ । ରଜ ର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରାଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ। ରଜ ତିନି ଦିନ ନାରୀ ମାନଙ୍କୁ ଖାଲି ପାଦରେ ଭୂମି କୁ ସ୍ପର୍ଶ କରିବା ପାଇଁ ମନା କ'ଣ ପାଇଁ କରାଯାଇଛି ? ଲୋକ କଥାରୁ



ଜଣାଯାଏ ଯେ ଚାରିଦିନ କୌଣସି ନାରୀ ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରନ୍ତି ନାହିଁ କିମ୍ବା ଭୂମି ଉପରେ ଖାଲି ଶୁଅନ୍ତି ନାହିଁ। ରୋଦ୍ର ତାପରେ ଦଗ୍ଧ ହେଉଥିବା ଧରିତ୍ରୀ ମା' ପ୍ରାକ୍ ମୈସୁମୀ ର ପହିଲି ସ୍ପର୍ଶରେ ଲଜ୍ଜାଶୀଳ ବା ରଜସ୍ୱଳା ହୁଏ । ରଜସ୍ୱଳା ନାରୀ ୪ ଦିନ ଅଛୁଆଁ ରହିଲା ପରି ମାଟି ମା ବହୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ । ସେଥିପାଇଁ ଏହି ଚାରିଦିନରେ କୌଣସି କୃଷି କାର୍ଯ୍ୟ ବା ହଳ ଲଙ୍ଗଳ କାମ ହୁଏ ନାହିଁ କିମ୍ବା ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରାଯାଏ ନାହିଁ । ଧରିତ୍ରୀ ମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ କ'ଣ ପାଇଁ ତୁଳନା କରାଯାଏ। ଧରିତ୍ରୀ ମାତା ପହିଲି ବର୍ଷାର ପହିଲି ସ୍ପର୍ଶରେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନ କ୍ଷମତା ପ୍ରାପ୍ତ ହୁଏ । ଏହି କାରଣରୁ ଧରିତ୍ରୀ ମାତା କୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ ।ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏଡା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ । ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର । ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢିଯାଏ । ଢ଼ଗରେ ଅଛି– 'ପାନଖିଆ ରସିକ ପାଟି, ଖୋଜି ବୁଲୁଥିଲା ରାଜାଙ୍କ ହାତୀ, ଢାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ' । ଯେହେତୁ ରଜରେ ଧରଣୀମାତାଙ୍କୁ ବିଶ୍ରାମ ଦିଆଯାଏ; ତେଣୁ ରଜ ପୂର୍ବଦିନ ପହିଲି ରଜରେ ବହୁ ରକମର ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଏବଂ ଅଧିକ ଦିନ ରହିଥାଏ । ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଏକାଠି ଖାଇ ସମସ୍ତେ ମଜା କରିଥାନ୍ତି। ହଜାର ହଜାର ବର୍ଷ ତଳେ ବୈଦିକ ସଭ୍ୟତାର ମଣିଷ ଯେପରି ମହାପ୍ରକୃତିର ବନ୍ଦନା ଗାଉଥିଲା , ମାଟି, ପାଣି, ବାୟୁ, ସୂର୍ଯ୍ୟ, ମେଘ, ଆକାଶ, ଓ ଅଗ୍ନିର ଆବାହକ କରୁଥିଲ,ରଜପର୍ବ ହେଉଛି ସେଇ ପରମ୍ପରା ଓ ଦର୍ଶନର ଆଧୁନିକତା ପ୍ରତିଫଳନ । ହିନ୍ଦୁ ଶାସ୍ତ୍ର ରଜକୁ ବାସୁମାତା ଅସ୍ପର୍ଶ ଦିବସ ଭାବେ ମାନ୍ୟତା ଦେଇ ଆସୁଛି । ସବୁଠି ସୃଷ୍ଟିର ମୂଳ ତତ୍ତ୍ୱ ହେଉଛି କୃଷି । କୃଷି ନାହିଁ ତ ସଂସ୍କୃତି ନାହିଁ । ସେଥିପାଇଁ ହିଁ କୃଷି ପର୍ବ ରଜ– ସଂସ୍କୃତି ମାନସ ମଣିଷ ପାଇଁ ସର୍ଜନାର ସଙ୍କେତ ବହନ କରିଥାଏ । ରଜପର୍ବ ପ୍ରତିବର୍ଷ ଜୁନ ମାସରେ ହିଁ ପଡିଥାଏ । ଚନ୍ଦ୍ରଙ୍କ ନାଁ ଅନୁସାରେ ଏହି ମାସରେ ନାମକାରଣ କରାଯାଇଛି । ରୋମରେ ଲୋକେ ଜୁନୋଙ୍କୁ ମାତୃତ୍ୱରେ ଦେବୀ ଭାବେ ପୂଜା କରୁଥିବା ବେଳେ ତାଙ୍କରି ନାଁରେ ନାମକରଣ ହୋଇଥିବା ଜୁନ ମାସରେ ରଜପର୍ବର ପରିକଳ୍ପନା ଅପୂର୍ବ ସାମଞ୍ଜାସ୍ୟ ରଖିଥାଏ ।

ଅରବିନ୍ଦ ନଗର -ନୟାଗଡ
ମୋ-୯୪୩୭୯୮୫୮୬୬





## ରଜ ପର୍ବ

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ । ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ । ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିଇଁ ଭୂ ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ଜଣେ ନାରୀଭାବେ ଆଗାମୀ ଦିନରେ କିରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ତାଙ୍କୁ । ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ ।







## ରଜ ମଉଜ



ଅମରନାଥ ବାରିକ୍

ବରଷକେ ଥରେ ରଜ
ଗଣପର୍ବ ଆମ ଗଲାଣି ହେଜ
ମୋ ବଉଳ ଲୋ...
କାହିଁ ହଜିଗଲା ସେ ମଉଜ
ବଉଳ ଲୋ...(୦)
ବାସୁନାହିଁ ପିଠା ପଣା ଘରେ
ଶୂନ୍ୟରେ ଶୂନ୍ୟରେ ମଣିଷ ମରେ
ମୋ ବଉଳ ଲୋ...
ଚାଲ କାରଣ ଖୋଜିବା ଥରେ
ବଉଳ ଲୋ...(୧)
ଆଉ ନାହିଁ ଗଛ ଡ଼ାଳ
ଦୋଳି ଲଗେଇବା ହୋଇଲା କାଳ
ମୋ ବଉଳ ଲୋ...
ମହୀ ହୋଇଗଲା ଟଳମଳ
ବଉଳ ଲୋ...(୨)
ବନ କାଟି କରୁଛି ଟାଙ୍ଗରା
କଳିଯୁଗ ଏହି ମଣିଷ ପରା
ମୋ ବଉଳ ଲୋ...
ଜରାଜୀର୍ଣ୍ଣ ହୋଇଯାଏ ଧରା
ବଉଳ ଲୋ...(୩)
ବନ୍ୟା ବାତ୍ୟା ଯେତେ ଆସି
ମହାମାରୀ ସଙ୍ଗେ ଦେଉଛି ଗ୍ରାସି
ମୋ ବଉଳ ଲୋ...
ଜନ ଜୀବନ ଯାଉଛି ଭାସି
ବଉଳ ଲୋ...(୪)
ଯଦି ନବୁଝିବେ ଜନେ
ପଡ଼ିଯିବ ହାହାକାରଟି ଦିନେ
ମୋ ବଉଳ ଲୋ...
ଆଉ ମିଳିବନି ରାହା ଆନେ
ବଉଳ ଲୋ...(୫)
ବୈଶାଖେ ଲାଗିବ ଜାଡ଼
ପଉଷ ମାଘରେ ଉତ୍ତାପ ବଡ଼
ମୋ ବଉଳ ଲୋ...
ମାସ ମାସ ଧରି ହେବ ଝଡ଼
ବଉଳ ଲୋ...(୬)
ନଈରେ ନଥିବ ଜଳ
ଜମି ପଡ଼ିଆଟି ନହେବ ହଳ
ମୋ ବଉଳ ଲୋ...
ଖାଦ୍ୟ ଜଳ ପାଇଁ ହେବ କାଳ
ବଉଳ ଲୋ...(୭)
ବେଳ ଥାଉ ବୁଝରେ ମାନସ
ମହାପ୍ରଳୟ ହେବନି ଅବଶ୍ୟ
ମୋ ବଉଳ ଲୋ...
ସରା ନମଣ ଧରାକୁ ମନୁଷ୍ୟ
ବଉଳ ଲୋ...(୮)

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)